# ପିଲାଙ୍କ କୋଭିଡ୍



## ଆଗଧାଡିର କର୍ମଚାରୀଙ୍କ ପାଇଁ
## ପକେଟ୍ ବୁକ୍

unicef
for every child

ଓଡ଼ିଶା ସରକାର



''କୋଭିଡ୍ ସଂଗ୍ରାମରେ ଆମ ସମ୍ମୁଖଯୋଦ୍ଧା
ଆଶା, ଅଙ୍ଗନବାଡୀ କର୍ମୀ ଏବଂ ଏଏନ୍ଏମ୍
ମାନଙ୍କର ଉତ୍ସର୍ଗୀକୃତ ସେବା ଏବଂ ତ୍ୟାଗ
ଆମେ ସବୁଦିନେ ମନେ ରଖିବା ।''

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସମ୍ମୁଖ କର୍ମଚାରୀଙ୍କ ଭୂମିକା :

1. ପିଲାଙ୍କ କୋଭିଡ଼ ସମ୍ବନ୍ଧରେ ଜାଣିବା ଓ ବୁଝିବା
2. କୋଭିଡ଼ର ଲକ୍ଷଣ ଓ ଆକ୍ରାନ୍ତ ଶିଶୁର ଯତ୍ନ ସମ୍ବନ୍ଧରେ ଅବଗତ ହେବାରେ ଲୋକଙ୍କୁ ସାହାଯ୍ୟ କରିବା
3. ଗୃହ ପୃଥକବାସରେ ଥିବା କୋଭିଡ଼ ଆକ୍ରାନ୍ତ ଶିଶୁର ଦେଖାରଖା  ବାବଦରେ ପରିବାର ସଦସ୍ୟଙ୍କୁ ବୁଝାଇବା ଓ ସହାୟତା କରିବା ।
4. ଗୃହପୃଥକ ବାସରେ ଥିବା ଶିଶୁଙ୍କୁ ଦୈନିକ ପରିଦର୍ଶନ କରି ତାର ସ୍ୱାସ୍ଥ୍ୟ ସମ୍ବନ୍ଧରେ  ତଥ୍ୟ ରଖିବା ।
5. ବିପଦ ଶଙ୍କୁଳ ଶିଶୁଙ୍କୁ ଡାକ୍ତରଖାନା ପ୍ରେରଣ କରିବାର ବ୍ୟବସ୍ଥା କରିବା ଓ ଆବଶ୍ୟକସ୍ଥଳେ ସେମାନଙ୍କ ସାଥିରେ ଯିବା ।

## 2. କୋଭିଡ଼ -୧୯ ସମ୍ବନ୍ଧରେ ସଦ୍ୟତମ ତଥ୍ୟ :

1. କୋଭିଡ଼ ହେଉଛି ସାର୍ସ କୋଭିଡ଼-୨ ନାମକ ଭୂତାଣୁ ବା କରୋନା ଭୂତାଣୁ  ଦ୍ୱାରା ସୃଷ୍ଟି ହେଉଥିବା ରୋଗ, ଯାହା ଫୁସଫୁସରେ  ନିମୋନିଆ କରିବା ସହ ଶରୀରର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ମଧ୍ୟ କ୍ଷତି ପହୁଁଚାଏ ଓ ଅକାମି କରିଦିଏ ।
2. ଏହାର ତିନୋଟି ମୁଖ୍ୟ ଲକ୍ଷଣ ହେଉଛି ଜ୍ୱର , କାଶ ଏବଂ ନିଶ୍ୱାସ ପ୍ରଶ୍ୱାସ  ନେବାରେ ଅସୁବିଧା ହେବା ।
3. ଏହି ଭୂତାଣୁ ଅତି ମାରାତ୍ମକ ଏବଂ ସବୁଠାରୁ ବଡକଥା ହେଉଛି ଏହା ବାରମ୍ବାର ନିଜର ରୂପ ବଦଳାଇ ଅଧିକ ସଂକ୍ରାମକ ହେଉଛି ।
4. ଏହି ରୋଗର ଭୂତାଣୁ ରୋଗୀର କାଶ , ଛିଙ୍କ ଏବଂ କଥାବାର୍ତ୍ତା କରିବା ସମୟରେ ବାହାରୁଥିବା ଅତି ଛୋଟ ଜଳକଣିକା ରେ ଥାଏ ଓ ବାୟୁମାଧ୍ୟମରେ ସୁସ୍ଥ ଲୋକ ଦେହରେ ପ୍ରବେଶ କରେ ।
5. ଏହାର ଚିକିତ୍ସା ପାଇଁ କୌଣସି ନିର୍ଦ୍ଦିଷ୍ଟ ଫଳପ୍ରଦ ଔଷଧ ବାହାରିନାହିଁ  । କୋଭିଡ଼ ଟୀକା ନେବା ଓ କୋଭିଡ଼ ନିୟମ ପାଳନ କରିବା ଦ୍ୱାରା ଏହାକୁ ପ୍ରତିରୋଧ  କରାଯାଇ ପାରେ ।

## ଶିଶୁଙ୍କ କ୍ଷେତ୍ର ରେ କୋଭିଡ଼ର ଲକ୍ଷଣ ଓ ପ୍ରକାର ଭେଦ :

- ଜ୍ୱର
- କାଶ
- ଥଣ୍ଡା (ନାକରୁ ପାଣି ବହିବା )
- ତଣ୍ଟି ଦରଜ
- ଧଇଁ ସଇଁ / ଅଣନିଶ୍ୱାସୀ ହେବା

## ଏହା ବ୍ୟତୀତ କିଛି ଅସ୍ୱାଭାବିକ ଲକ୍ଷଣ ମଧ୍ୟ ଦେଖାଯାଏ :

- ପେଟ ଯନ୍ତ୍ରଣା
- ପତଳା ଝାଡା
- ଦେହରେ /ଆଙ୍ଗୁଳିରେ ଲାଲ /ବାଇଗଣି ରଙ୍ଗର ମନ୍ଦା ମନ୍ଦା ହୋଇ ଫଳିଯିବା

## ପିଲାଙ୍କ କୋଭିଡ ର ପ୍ରକାର ଭେଦ

| ଲକ୍ଷଣ ବିହୀନ (Asymptomatic) (୭୦-୮୦%) | ସ୍ୱଳ୍ପ ଲକ୍ଷଣ ଯୁକ୍ତ (Mild ) (୧୫ %) | ମଧ୍ୟମ ଲକ୍ଷଣଯୁକ୍ତ (Moderate ) (୨-୩ %) | ଗୁରୁତର ଲକ୍ଷଣ ଯୁକ୍ତ (Severe ) (୧-୨ % ) |
|---|---|---|---|
| ଏ କ୍ଷେତ୍ରରେ ଆଦୌ ଲକ୍ଷଣ ଦେଖାଯାଏ ନାହିଁ , କିନ୍ତୁ ପିଲାର ଟେଷ୍ଟ ରିପୋର୍ଟ ପଜିଟିଭ ଥାଏ | ସାଧାରଣତଃ ନାକ ଓ ପାଟି ମଧ୍ୟରେ ସଂକ୍ରମଣ ସୀମିତ ଥାଏ ।<br>▪ନାକରୁ ପାଣି ବୋହିବା<br>▪ତଣ୍ଟି ଦରଜ ହେବା<br>▪ସାମାନ୍ୟ କାଶ ହେବା<br>▪ଶ୍ୱାସକ୍ରିୟାର ବେଗ ସାଧାରଣ ଥାଏ<br>▪SpO2 =94% କିମ୍ବା ଅଧିକ | ନିମୋନିଆ ହୁଏ , କିନ୍ତୁଗୁରୁତର ନିମୋନିଆ ନୁହେଁ ।<br>ବୟସ ଅନୁସାରେ ଶ୍ୱାସକ୍ରିୟାର ବେଗ ଅଧିକ ରହେ :<br>▪ ଜନ୍ମରୁ ଦୁଇ ମାସ - > ୬୦ / ମିନିଟ<br>▪ ୨ମାସ ରୁ ୧ ବର୍ଷ - >୫୦/ମିନିଟ<br>▪ ୧ ରୁ ୫ ବର୍ଷ – > ୪୦ / ମିନିଟ<br>▪ ୫ ବର୍ଷରୁ ଊର୍ଦ୍ଧ୍ୱ - > ୩୦ / ମିନିଟ<br>▪ SpO = ୯୦-୯୪ % | ଗୁରୁତର ନିମୋନିଆ ହୁଏ ।<br>▪ ଏ :ଆର :ଡି :ଏସ୍ :<br>▪ ସେପସିସ୍<br>▪ ସେପ୍ଟିକ ସକ୍<br>▪ ଏକାଧିକ ଅଙ୍ଗ ଅକାମି ହେବା (Multi Organ Dysfunction )<br>▪ ଛାତି ଭିତରକୁ ଟାଣିହୋଇଯିବା (Chest indrawing )<br>▪ ନିଶ୍ବାସନେବାବେଳେ ଘୁଡୁ ଘୁଡୁ ଶବ୍ଦ ହେବା (Grunting )<br>▪ ଅଧ, ଜିଭ , ଆଙ୍ଗୁଳି ନୀଳ ପଡ଼ିବା (Cyanosis )<br>▪ ବାତ ମାରିବା ( Seizure )<br>▪ ଅଚେତ ହେବା<br>▪ SpO =< ୯୦ % |

## କେଉଁ କ୍ଷେତ୍ରରେ କଣ ଚିକିତ୍ସା  ଆବଶ୍ୟକ ?

**ଲକ୍ଷଣ ବିହୀନ ଓ ସ୍ୱଳ୍ପ ଲକ୍ଷଣ ଯୁକ୍ତ -** ଗୃହ ପୃଥକ ବାସ

**ମଧ୍ୟମ ଲକ୍ଷଣ -** କୋଭିଡ଼ କେୟାର ସେଣ୍ଟର / ଡି: ସି:ଏଚ: ସି : ରେ ଚିକିତ୍ସା

**ଗୁରୁତର** :- ଜିଲ୍ଲା ସ୍ତରୀୟ  ହସ୍ପିଟାଲରେ ଚିକିତ୍ସା

## କୋଭିଡ଼ ପ୍ରତିରୋଧକ ବ୍ୟବସ୍ଥା ସବୁ କ'ଣ ?

୧ . ନାକ ଓ ପାଟିକୁ ଭଲଭାବେ ଘୋଡାଇଲା ଭଳି ଠିକ ଭାବେ ଫିଟିଙ୍ଗ ହେଉଥିବା ମାସ୍କ ପିନ୍ଧନ୍ତୁ

୨ . ହାତକୁ ବାରମ୍ବାର ସାବୁନ ଓ ପାଣିରେ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଧୁଅନ୍ତୁ କିମ୍ବା ୭୦% ଆଲକୋହଲ ଯୁକ୍ତ ସାନିଟାଇଜର ରେ ସଫା କରନ୍ତୁ । ପିଲା ଅତି ସାନ ଥିଲେ ମା ତା'ର ହାତ ଧୋଇଦେବ ।

୩ . ଅନ୍ୟଠାରୁ ଦୁଇଗଜ ଦୂରତା ରକ୍ଷା କରନ୍ତୁ ।

୪.  ଜନଗହଳୀ ସ୍ଥାନକୁ ଯାଆନ୍ତୁ ନାହିଁ  କିମ୍ବା ପିଲାମାନଙ୍କୁ ଛାଡନ୍ତୁ ନାହିଁ ।

୫. ଯଥାସମ୍ଭବ ସାଧାରଣ ପରିବହନ ଯାନରେ ଯିବା ଆସିବା କମ୍ କରନ୍ତୁ । ନିଜର ବ୍ୟକ୍ତିଗତ ଗାଡି / ସାଇକଲ ବ୍ୟବହାର କରନ୍ତୁ

୬ . ଶିଶୁର ନିୟମିତ ଟିକାକରଣ ଠିକ ସମୟରେ କରାନ୍ତୁ , ଖାଦ୍ୟ ପାନୀୟ ଠିକ ଭାବେ ଦିଅନ୍ତୁ ଓ ସାଧାରଣ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଅନ୍ତୁ ।

## 4. ଶିଶୁମାନେ ମାସ୍କ ବ୍ୟବହାର କରିବେ କି ?

1. ୫ ବର୍ଷରୁ ବଡ ସମସ୍ତ ଶିଶୁ ମାସ୍କ ବ୍ୟବହାର କରିବା ଉଚିତ। ବାପା ମା ପିଲାଙ୍କୁ ମାସ୍କ ଠିକ ଭାବେ ପିନ୍ଧିବାକୁ ଶିଖାଇବା ଓ ଅଭ୍ୟାସ କରାଇବା ଉଚିତ ।
2. ୫ ବର୍ଷ ତଳକୁ ପିଲା ମାସ୍କ ପିନ୍ଧିବା ଦରକାର ନାହିଁ । କାରଣ ସେମାନେ ମାସ୍କ ଠିକ ଭାବେ ପିନ୍ଧି ପାରିବେ ନାହିଁ , ବାରମ୍ବାର ମୁହଁରେ ହତମାରିବେ ଓ ମାସ୍କ ବାହାର କରିଦେବେ ଏବଂ ଅତି ଛୋଟ ଶିଶୁଙ୍କର ନିଶ୍ୱାସ ପ୍ରଶ୍ୱାସରେ ମଧ କିଛିଟା ଅସୁବିଧା ହେବ ।
3. ଶିଶୁ ଯଦି କୋଭିଡ଼ ଲକ୍ଷଣ ଯୁକ୍ତ ହୋଇଥାଏ ତେବେ ତାକୁ ଅନ୍ୟମାନଙ୍କ ଠାରୁ ଅଲଗା ରଖନ୍ତୁ ଓ ପରିବାରର ଅନ୍ୟମାନେ ଡବଲ ମାସ୍କ ବ୍ୟବହାର କରନ୍ତୁ ।
4. ଶିଶୁ ମାନଙ୍କ କ୍ଷେତ୍ରରେ ମାସ୍କ ବ୍ୟବହାରର ଅନ୍ୟ ସମସ୍ତ ନିୟମ ବୟସ୍କଙ୍କ ସହ ସମାନ ।

## ଗର୍ଭାବସ୍ଥା ଓ କୋଭିଡ଼ ।

1. ମା ଠାରୁ ଗର୍ଭସ୍ଥ ଶିଶୁକୁ ପ୍ରସବ ପୂର୍ବରୁ କୋଭିଡ଼ ସଂକ୍ରମଣ ହେବାର ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ । କିନ୍ତୁ ପ୍ରସବ ସମୟରେ ମା କୋଭିଡ଼ ସଂକ୍ରମିତ ଥିଲେ ପ୍ରସବ ପରେ ନବଜାତ ଶିଶୁ ସଂକ୍ରମିତ ହେବାର ଆଶଙ୍କା ଅଛି ।
2. ଗର୍ଭାବସ୍ଥାରେ ମା କୋଭିଡ଼ ସଂକ୍ରମିତ ହେଲେ ଅଳ୍ପ କେତେକ କ୍ଷେତ୍ରରେ ସମୟ ପୂର୍ବରୁ ପ୍ରସବ ହେବା , କମ୍ ଓଜନ ବିଶିଷ୍ଟ ଶିଶୁ ଜନ୍ମ ହେବା ଆଦି ଦେଖା ଯାଉଛି ।
3. ଗର୍ଭବତୀ ମହିଳା କୋଭିଡ଼ ଠାରୁ ଦୂରରେ ରହିବାକୁ କୋଭିଡ଼ ନିୟମ କଡାକଡି ଭାବେ ପାଳନ କରିବା ଉଚିତ , ଗର୍ଭାବସ୍ଥାରେ ଡାକ୍ତରୀ ପରୀକ୍ଷା , ଟିକାକରଣ ଏବଂ ସୁରକ୍ଷିତ ମାତୃତ୍ୱ ପ୍ରତି ସଚେତନ ରହିବା ଉଚିତ।
4. ମା କୋଭିଡ଼ ପଜିଟିଭ ଥିଲେ ମଧ ପ୍ରସବ ପରେ ନବଜାତ ଶିଶୁ ମା ସହ ରହିବ , କିନ୍ତୁ ମା କୋଭିଡ଼ ନିୟମ ଠିକ ଭାବେ ପାଳନ କରିବ ।
5. ମା ନିହାତି ଅସୁସ୍ଥ ଥିଲେ ଅନ୍ୟମାନେ ଶିଶୁର ଯତ୍ନ ନେବେ

## କୋଭିଡ଼ ସମୟରେ ସ୍ତନ୍ୟପାନ ନିୟମାବଳୀ :

1. ମା କୋଭିଡ଼ ସନ୍ଦିଗ୍ଧ କିମ୍ବା ପଜିଟିଭ ଥିଲେ ସ୍ତନ୍ୟପାନ କରାଇପାରିବ , କିନ୍ତୁ କୋଭିଡ଼ ନିୟମ ପାଳନ କରି ।
2. ଯଦି ମା ବେଶୀ ଅସୁସ୍ଥ ଥାଏ , ତେବେ ମା'ର କ୍ଷୀର ବାହାର କରିଗିନା ଚାମଚ ରେ ଶିଶୁକୁ ଦିଆ ଯାଇ ପାରିବ ।
3. ଛୁଆକୁ କ୍ଷୀର ଖୁଆଇବା ପୂର୍ବରୁ ମା ହାତ ଭଲଭାବେ ସାବୁନରେ ଧୋଇବ କିମ୍ବା ସାନିଟାଇଜ କରିବ, ସର୍ଜିକାଲ ମାସ୍କ କିମ୍ବା ଡବଲ ମାସ୍କ ପିନ୍ଧିବ ।
4. ଯଦି ମା କୋଭିଡ଼ ପଜିଟିଭ ଥାଏ , ତାହେଲେ ଛୁଆର ମୁହଁ ଠାରୁ ନିଜ ମୁହଁ ଯଥା ସମ୍ଭବ ଅନ୍ୟଦିଗରେ ରଖିବ ।

## କେତେବେଳେ ଶିଶୁର କୋଭିଡ଼ ପରୀକ୍ଷା କରାଇବା ଦରକାର ?

### (କ) ନବଜାତ ଶିଶୁ :

- ସବୁ ନବଜାତ ଶିଶୁଙ୍କର କୋଭିଡ଼ ପରୀକ୍ଷା କରାଇବା ଜରୁରୀ ନୁହେଁ ।
- ଯଦି କୋଭିଡ଼ ଭଳି ଲକ୍ଷଣ ଦେଖାଯାଏ ତେବେ କରାଇବେ ।
- ଯଦି ପ୍ରସବ ସମୟରେ ମା କୋଭିଡ଼ ପଜିଟିଭ ଅଛି ଓ ଚିକିତ୍ସାଧୀନ ଅଛି ତେବେ ପ୍ରସବ ପରେ ଥରେ ଓ ୫ ଦିନ ପରେ ଆଉଥରେ ନବଜାତ ଶିଶୁର କୋଭିଡ଼ ପରୀକ୍ଷା କାରାଇବାକୁ ଅଳ୍ପ କେତେକ ଶିଶୁ ବିଶେଷଜ୍ଞ ମତ ଦିଅନ୍ତି ।

### (ଖ) ଅନ୍ୟାନ୍ୟ ଶିଶୁ :

- ଶିଶୁର କୋଭିଡ଼ ଭଳି ଲକ୍ଷଣ ଥିଲେ ( ଥଣ୍ଡା, ଜ୍ବର , କାଶ, ଶ୍ବାସକ୍ରିୟାର ବେଗ ଅଧିକ, ପତଳା ଝାଡା, ଦେହରେ ଓ ଅଙ୍ଗୁଳିରେ ଲାଲ ଲାଲ ଫଳିଯିବା ଇତ୍ୟାଦି )
- ଶିଶୁ ,କୋଭିଡ ପଜିଟିଭ ବ୍ୟକ୍ତି / ରୋଗୀଙ୍କ ସଂସ୍ପର୍ଶରେ ଆସିଥିଲେ

## 10. ଶିଶୁ କୋଭିଡ଼ ପଜିଟିଭ ଥିଲେ :

୭୦-୮୦% ପଜିଟିଭ ଶିଶୁ ଲକ୍ଷଣ ବିହୀନ ଥାଆନ୍ତି । ୧୦-୧୫ % ଶିଶୁ ସାମାନ୍ୟ ଲକ୍ଷଣ ଯୁକ୍ତ ଏବଂ ଆଉ ୫ % କ୍ଷେତ୍ରରେ ଶିଶୁଙ୍କଠାରେ ଗୁରୁତର ଲକ୍ଷଣ ଦେଖାଯାଏ ।

ତେଣୁ ଅଧିକାଂଶ କୋଭିଡ଼ ପଜିଟିଭ ଶିଶୁ ଗୃହ ପୃଥକବାସ (Home Isolation )ରେ ଚିକିତ୍ସା ନେଇ ଭଲ ହୋଇ ପାରିବେ ।

*ମନେ ରଖନ୍ତୁ , ଯଦି ଶିଶୁର ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଥାଏ କିମ୍ବା ନିଶ୍ୱାସର ବେଗ ବୟସ ଅନୁପାତରେ ଅଧିକ ରହେ ( ୨ ମାସରୁ କମ > ୬୦/ମିନିଟ, ୨ ମାସରୁ ୧ ବର୍ଷ > ୫୦/ମିନିଟ, ୧ ବର୍ଷରୁ ୫ ବର୍ଷ >୪୦/ମିନିଟ ଓ ୫ ବର୍ଷରୁ ଉର୍ଦ୍ଧ୍ୱ > ୩୦/ମିନିଟ ) ତେବେ ସେପରି ଶିଶୁକୁ ଡାକ୍ତରଖାନାରେ ଚିକିତ୍ସା କରିବା ଉଚିତ ।*

## ଗୃହ ପୃଥକ ବାସରେ କ'ଣ ଦରକାର ଓ କଣ କରିବାକୁ ପଡିବ :

- ମା ଓ ଶିଶୁ ଉତ୍ତମ ବାୟୁ ଚଳାଚଳ କରୁଥିବା ଏକ ଅଲଗା କୋଠରୀରେ ରହିବେ । ସେମାନଙ୍କ ପାଇଁ ଅଲଗା ପାଇଖାନା ଥିଲେ ଭଲ ।
- ମା ଡବଲ ମାସ୍କ ପିନ୍ଧିବ । ଶିଶୁ ୫ ବର୍ଷରୁ ବଡ ହୋଇଥିଲେ ତାକୁ ମଧ ମାସ୍କ ପିନ୍ଧାଇବା ମା'ର ଦାୟିତ୍ୱ ।
- ଶିଶୁକୁ ପୁଷ୍ଟିକର ନରମ ଖାଦ୍ୟ ଖାଇବାକୁ ଦେବ
- ଯଥେଷ୍ଟ ପାଣି ପିଇବାକୁ ଦେବ ( ଉଷୁମ ପାଣି ହେଲେ ଭଲ )
- ଘରର ଚଟାଣ ଓ ଆସବାବ ପତ୍ର ୧% ହାଇପୋକ୍ଲୋରାଇଟ ଦ୍ରବଣରେ ଦିନକୁ ଦୁଇଥର ପୋଛିବାକୁ ହେବ ।
- ଶିଶୁକୁ ପରିବାରର ଅନ୍ୟ ପିଲା କିମ୍ବା ସଦସ୍ୟଙ୍କ ସହ ସିଧା ସଳଖ ମିଶିବାକୁ ଦିଆନଯାଇ ଭିଡିଓ କଲ ମାଧ୍ୟମରେ ମିଶିବାକୁ ଦେଇ ହେବ ।
- ଶିଶୁ ଗୋଟିଏ କୋଠରି ମଧ୍ୟରେ ସବୁବେଳେ ରହିବାକୁ ରାଜି ନହେଲେ ମା ତାକୁ ମଝିରେ ମଝିରେ ବାହାରକୁ ଆଣି ଏକୁଟିଆ ବଗିଚା /ଅଗଣା ଆଦିରେ ବୁଲାଇ ପାରିବ , କିନ୍ତୁ ଅନ୍ୟ କାହାସହ ମିଶିବାକୁ ଦେବ ନାହିଁ ।
- ପ୍ରତିଦିନ ଶିଶୁର ତାପମାତ୍ରା , ଶ୍ୱାସକ୍ରିୟାର ବେଗ , ଅମ୍ଳଜାନ ସାନ୍ଦ୍ରତା ଆଦି ୩-୪ ଥର ମାପିବାକୁ ହେବ ।
- ଜ୍ୱର ଥିଲେ ପାରାସିଟାମଲ୍ ସିରପ (୫ ବର୍ଷରୁ କମ ବୟସର ପିଲା ) କିମ୍ବା ଟାବଲେଟ (୫ ବର୍ଷରୁ ବଡ ପିଲା ) ୧୦-୧୫ ମିଲିଗ୍ରାମ / ପ୍ରତି କି:ଗ୍ରା: ଶରୀର ଓଜନ ଅନୁସାରେ ଦିନକୁ ୩-୪ ଥର ଦିଆଯାଇ ପାରିବ ।
- ତଣ୍ଟି ଦରଜ ଓ କାଶ କମାଇବାକୁ ତୁଳସୀ ରସ ସହିତ ମହୁ (୧ ବର୍ଷରୁ କମ ପିଲାଙ୍କୁ ମହୁ ଦେବା ମନା ) ଆଦି ଦିଆଯାଇପାରିବ ।
- ସମସ୍ତ କୋଭିଡ଼ ନିୟମ ଘରର ସବୁ ସଦସ୍ୟ ପାଳନ କରିବେ

## 11. କେଉଁ ବିପଦ ସଙ୍କେତ ଦେଖିଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବେ ?

- ତାପମାତ୍ରା ୧୦୦.୪ ଡିଗ୍ରୀ ଫାରେନହିଟ୍ ରୁ ଅଧିକ ହେବା ଓ ପାରାସିଟାମଲ ଦେବା ସତ୍ତ୍ୱେ ନ କମିବା
- ନିଶ୍ୱାସ ବେଗ ବୟସ ଅନୁ ପାତରେ ଅଧିକ ହେବା
- ନିଶ୍ୱାସ ନେବା ବେଳେ ଘଡ ଘଡ ଶବ୍ଦ ହେବା / ଛାତି ଭିତରକୁ ଟାଣି ହୋଇ ଯିବା /ଶିଶୁ କୁନ୍ଥେଇବା ଭଳି ଶବ୍ଦ ହେବା
- ଜିଭ / ଓଠ ନୀଳ ପଡିବା
- ଅମ୍ଳଜାନ ସ୍ତର ୯୪ % ରୁ କମିଯିବା
- ଶିଶୁ ନିସ୍ତେଜ ହୋଇଯିବା
- ବାତ ମାରିବା

## 12. ଗୃହ ପରିଦର୍ଶନ ସମୟରେ ଶିଶୁ ସମ୍ବନ୍ଧରେ କେଉଁ ତଥ୍ୟ କିପରି ସଂଗ୍ରହ କରିବେ ?

**ମା'କୁ ପଚାରନ୍ତୁ :**

- ପିଲାର ଜ୍ୱର / ଶର୍ଦ୍ଦି / କାଶ / ପତଳା ଝାଡା / ପେଟରେ ଯନ୍ତ୍ରଣା ହେଉଛିକି ?

**ନିଜେ ଦେଖନ୍ତୁ :**

- ଶିଶୁ ଚଳ ଚଞ୍ଚଳ ଅଛି କି ?
- ତାପମାତ୍ରା କେତେ ଅଛି ( ଥର୍ମାଲ ସ୍କାନର ରେ ମାପନ୍ତୁ )
- ଶ୍ୱାସକ୍ରିୟା ୧ ମିନିଟ ପର୍ଯ୍ୟନ୍ତ ଗଣି କେତେ ଥର ହେଉଛି ନୋଟ କରନ୍ତୁ
- ନିଶ୍ୱାସ ନେବା ବେଳେ ନାକ ପୁଡା ଫୁଲୁଛି କି ?
- ତଣ୍ଟି ରୁ ଘଡ ଘଡ ଶବ୍ଦ / କୁନ୍ଥେଇବା ଭାଳି ଶବ୍ଦ ବାହାରୁଛିକି ?
- ଅମ୍ଳଜାନ ସାନ୍ଦ୍ରତା କେତେ ଅଛି (ପଲସ ଅକ୍ସିମିଟର ଥିଲେ ମାପନ୍ତୁ )
- ଜଳ ଶୁଷ୍କତା ( ଶୁଖିଲା ଜିଭ /ଓଠ / ଅକ୍ଷୟ ଭିତରକୁ ପଶିଯିବା ) ଅଛିକି ?
- ଯଦି ଡକ୍ଟର କୌଣସି ଔଷଧ ବ୍ୟବସ୍ଥା କରିଥିଲେ ଶିଶୁକୁ ତାହା ଠିକ ଭାବେ ଦିଆ ଯାଉଛିକି ?

- ଶିଶୁର ଖାଦ୍ୟପାନୀୟ  ଠିକ ଅଛିକି ?
- ଘରେ ଅନ୍ୟମାନେ କୋଭିଡ଼ ନିୟମ ପାଳନ କରୁଛନ୍ତିକି ?

## 3. ଆଶା / ଅଙ୍ଗନବାଡି କର୍ମୀ/ ସ୍ୱାସ୍ଥ୍ୟ କର୍ମୀ କ"ଣ କରିବେ ?

| ଲକ୍ଷଣ | କର୍ତ୍ତବ୍ୟ |
|---|---|
| ଜ୍ୱର  + ନାକ ଚୁଣ୍ଟି ହେବା  +/- ସାଧାରଣ ଶ୍ୱାସ କ୍ରିୟା , ଘୁଡୁ ଘୁଡୁ ଶବ୍ଦ ନାହିଁ , ଶିଶୁ ଚଳଚଞ୍ଚଳ ଅଛି  , ଅମ୍ଳଜାନ ସ୍ତର >୯୪ % | ଟେଲିମେଡ଼ିସିନ ସହ ଯୋଗା ଯୋଗ କରି ପରାମର୍ଶ ନିଅନ୍ତୁ<br>ଦୈନିକ ଶିଶୁର ଅବସ୍ଥା ଅନୁଧ୍ୟାନ କରନ୍ତୁ<br>ଜ୍ବର ପାଇଁ ପାରାସିଟାମଲ୍ ଦିଅନ୍ତୁ<br>ମା କ୍ଷୀର ଚାଲୁ ରଖନ୍ତୁ |
| ଶ୍ୱାସକ୍ରିୟା ବୟସ ଅନୁସାରେ ଅଧିକ , ଜ୍ବର ଲଗାତର 3 ଦିନରୁ ଅଧିକ , ଅନ୍ୟାନ୍ୟ ଆନୁଷଙ୍ଗିକ ରୋଗ | ଶିଶୁକୁ କୋଭିଡ଼ କେୟାର ସେଣ୍ଟର କୁ ଅମ୍ବୁଲାନ୍ସ ଡକାଇ ପଠାନ୍ତୁ<br>ଆବଶ୍ୟକହେଲେ ତାର ସହାୟତା ପାଇଁ ସାଙ୍ଗରେ ଯାଆନ୍ତୁ |
| ଶ୍ୱାସ କ୍ରିୟା ବୟସ ଅନୁପାତରେ ଅଧିକ ,ଘଡଘଡ ହେବା/କୁନ୍ଥେଇବା  ,ଛାତି ଭିତରକୁ ଟାଣି ହେବା , ନାକ ପୁଡା ଫୁଲିବା , ହାତ ପାଦ ଆଦି ଥଣ୍ଡା ଲାଗିବା ,ଶିଶୁ ନିସ୍ତେଜ  ରହିବା , ଅମ୍ଳଜାନ ସ୍ତର ୯୪ % ରୁ କମ ରହିବା | ୧୦୪ କିମ୍ବା ଟେଲିମେଡ଼ିସିନ  ନମ୍ବର  ସହ ପରାମର୍ଶ କରନ୍ତୁ।<br>ଅକ୍ସିଜେନ ସୁବିଧା ଥିବା ଅମ୍ବୁଲାନ୍ସରେ ଡି:ସି:ଏଚ:ସି କୁ ପଠାଇବା ବ୍ୟବସ୍ଥା କରନ୍ତୁ ।<br>ସାଙ୍ଗରେ ଡାକ୍ତରଖାନା ପର୍ଯ୍ୟନ୍ତ ଗଲେ ଭଲ |

## 14  ଶିଶୁର ପରିଚାରିକା (ସେବାକାରୀ) ଙ୍କ ପାଇଁ ନିର୍ଦ୍ଦେଶାବଳୀ :

**1. ମାସ୍କ**

- ପରିଚାରିକା ସବୁବେଳେ ଡବଲ ମାସ୍କ ପିନ୍ଧିବେ

**2. ହାତ ଧୋଇବା :**

- ନିଜର ହାତକୁ ବାରମ୍ବାର ସାବୁନରେ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଧୋଇବେ କିମ୍ବା ସାନିଟାଇଜର ରେ ସଫା କରିବେ

**3. ବ୍ୟକ୍ତିଗତ ସୁରକ୍ଷା :**

- ଶିଶୁର ମଳ ମୁତ୍ର  , ସିଙ୍ଘାଣି, ଖଙ୍କାର , ଲାଳ ଆଦି ପୋଛିବା ସମୟରେ / ବାସନ କୁସନ କିମ୍ବା କପଡ଼ା ସଫା କରିବା ସମୟରେ  ହାତରେ ଗ୍ଲୋଭସ ପିନ୍ଧିବେ

**4. ପିଲାକୁ ସମ୍ପୂର୍ଣ୍ଣ  ଅଲଗା ରଖିବେ :**

- ପରିବାରର ଅନ୍ୟ କାହା ସହ , ବିଶେଷକରି ଅନ୍ୟ ପିଲାଙ୍କ ସହ, ମିଶିବାକୁ ନଦେଇ ଭିଡିଓ ଫୋନ ମାଧ୍ୟମରେ କଥାବାର୍ତ୍ତା କରାଇବେ

**5. ବର୍ଜ୍ୟ ବସ୍ତୁ ପରିଚାଳନା :**

ବର୍ଜ୍ୟ ବସ୍ତୁକୁ ( ଖଲି , ପେପର  ପ୍ଲେଟ ,ଡିସପୋଜେବଲ  କପ ) ଅଧଘଣ୍ଟା ୧ % ବ୍ଲିଚିଂ ଦ୍ରବଣ ରେ ବୁଡାଇ ନଷ୍ଟ କରିବେ

## କେତେକ ବିଶେଷ  ପରିସ୍ଥିତି ଓ ତାର ସମାଧାନ :

**1**ମା ଓ ଶିଶୁ ( ଶିଶୁମାନେ )  ସମସ୍ତେ କୋଭିଡ୍ ପଜିଟିଭ :

- ମା କିମ୍ବା ଶିଶୁ କେହି ଗୁରୁତର ନଥିଲେ ଏକାଠି ରହିବେ ।
- ଛୁଆ କ୍ଷୀର ଖାଉଥିଲେ ତାହା ଚାଲୁ ରଖିବେ

**2. ମା କୋଭିଡ୍ ପଜିଟିଭ, କିନ୍ତୁ ଛୁଆ  ନେଗେଟିଭ :**

- କେବଳ କ୍ଷୀର ଖାଉଥିବା ଛୁଆ ବ୍ୟତୀତ ଅନ୍ୟମାନଙ୍କୁ ପରିବାରର ଅନ୍ୟ ସଦସ୍ୟ ସମ୍ଭାଳିବେ । ଯଦି ମା ଗୁରୁତର ଅସୁସ୍ଥ ଥାଏ ତେବେ ସମସ୍ତ ଛୁଆଙ୍କୁ ଅନ୍ୟ ସଦସ୍ୟ ସମ୍ଭାଳିବେ । ସମସ୍ତେ କୋଭିଡ୍ ନିୟମ ର ଯଥା ଯଥ  ପାଳନ କରିବେ

**3. ଶିଶୁ କୋଭିଡ୍ ପଜିଟିଭ ଓ ମାଆ ନେଗେଟିଭ :**

- ମା କୋଭିଡ୍‌ର ସମସ୍ତ ନିୟମ ପାଳନ କରି ଶିଶୁର ଯତ୍ନ ନେବେ

**4. କୋଭିଡ୍ ପଜିଟିଭ ମା ଶିଶୁକୁ ଜନ୍ମ ଦେଇଛି  :**

ମା ଓ ନବଜାତ ଶିଶୁ ଏକାଠି ଏକ ଭିନ୍ନ କୋଠରୀରେ ରହିବେ। ମା ଶିଶୁକୁ କ୍ଷୀର ଖୁଆଇବ । ସମସ୍ତ କୋଭିଡ୍ ନିୟମ ପାଳନ କରିବ ।

**5. ଶିଶୁ ବ୍ୟତୀତ ପରିବାର ର ଅନ୍ୟ ସମସ୍ତେ କୋଭିଡ୍ ଆକ୍ରାନ୍ତ ଓ ହସପିଟାଲ ରେ ଭର୍ତ୍ତି ହୋଇଛନ୍ତି ।**

- ଶିଶୁ କ୍ଷୀର ଖାଉଥିଲେ ( ବିଶେଷକରି ୬ ମାସରୁ କମ ହୋଇଥିଲେ  ) ମା ପାଖରେ ରହିବ । ଯଦି ମା ଗୁରୁତର ଥାଏ ତେବେ ଦୂର ସମ୍ପର୍କୀୟ /ହସପିଟାଲ କର୍ତ୍ତୃପକ୍ଷ / ପଂଚାୟତ ରାଜ କର୍ମୀ/ ସ୍ୱେଚ୍ଛାସେବୀ , ଶିଶୁର ଦାୟିତ୍ୱ ନେଇ ପାରନ୍ତି
- ୧୦୯୮ ଶିଶୁ ସହାୟତା ନମ୍ବର ରେ ଏଥିପାଇଁ ପରାମର୍ଶ ମାଗନ୍ତୁ .

## ଶିଶୁର ମାନସିକ ସ୍ୱାସ୍ଥ୍ୟର ଯତ୍ନ :

କୋଭିଡ଼ ସମୟରେ ଶିଶୁର ( କରୋନା ଆକ୍ରାନ୍ତ ହୋଇଥାଉ ବା ନ ହୋଇଥାଉ ) ମାନସିକ ଅବସ୍ଥା ରେ ଅସନ୍ତୁଳନ ଆସିବା ଅତ୍ୟନ୍ତ ସାଧାରଣ । କାରଣ ଶିଶୁ ଏହିସମୟରେ ସର୍ବଦା ଘର ଭିତରେ ସାଙ୍ଗସାଥୀଙ୍କ ଠାରୁ ଦୂରରେ ରହି ବିରକ୍ତ ହେବା ସ୍ବାଭାବିକ । ତେଣୁ ତାର ମନ ଖୁସିପାଇଁ ପରିବାର ଯତ୍ନ ଶୀଳ ହେବା ଜରୁରୀ :

1. ଶିଶୁ ପାଇଁ ସ୍ୱତନ୍ତ୍ର ସମୟ ଦିଅନ୍ତୁ ଓ ପଢିବା ଖେଳିବାରେ (ଇନଡୋର ଗେମ୍ସ ) ତାକୁ ସହାୟତା କରନ୍ତୁ ।
2. କୋଭିଡ଼ ସମ୍ବନ୍ଧୀୟ ନକାରାତ୍ମକ ସମ୍ବାଦ କିମ୍ବା ଚିତ୍ର ଟିଭି ଆଦିରେ ଦେଖିବାରୁ ତାକୁ ନିବୃତ୍ତ କରନ୍ତୁ ।
3. ଭିଡିଓ କଲ୍ ମାଧ୍ୟମରେ ତାର ସାଙ୍ଗ ସାଥୀ / ଶିକ୍ଷକ ଓ ସେ ଭଲ ପାଉଥିବା ବ୍ୟକ୍ତିଙ୍କ ସହ କଥାବାର୍ତ୍ତା କରାନ୍ତୁ
4. ସଙ୍ଗୀତ ଶିକ୍ଷା , ଚିତ୍ରାଙ୍କନ , ଗପବହି /କାର୍ଟୁନ ଆଦି ପଢିବା ପାଇଁ ତାକୁ ଉତ୍ସାହିତ କରନ୍ତୁ
5. ଆବଶ୍ୟକ ସ୍ଥଳେ ୧୦୪ ନମ୍ବରକୁ ସ୍ୱତନ୍ତ୍ର ସହାୟତା ପାଇଁ ଫୋନ କରି ପରାମର୍ଶ ନିଅନ୍ତୁ ।

## ଶିଶୁମାନଙ୍କ ର ମାନସିକ ଅବସାଦକୁ କିପରି ଚିହ୍ନିବେ ?

1. ଖାଇବାକୁ ଇଚ୍ଛା ନକରିବା , ଠିକ ଭାବେ ନଶୋଇବା , ଚିଡଚିଡା ହେବା
2. ଅତ୍ୟଧିକ ଉତ୍ତେଜିତ ହେବା , ବିନା କାରଣରେ କାନ୍ଦିବା , ଜିନିଷ ଭଙ୍ଗାରୁଜା କରିବା
3. ବିନାକାରଣରେ ପେଟ ବଥା , ମୁଣ୍ଡ ବିନ୍ଧା ଆଦି ହେଉଥିବା କହିବା
4. ଯାହା କହିବେ ତାର ଠିକ ବିପରୀତ କରିବା
5. ଲୁଚିକରି ବାହାରକୁ ପଳାଇବା , ସାନ ଭାଇ ଭଉଣୀଙ୍କୁ ମାରିବା

## . ଲୋକଙ୍କ ନିକଟରେ ଠିକ ତଥ୍ୟ ଠିକ୍ ଭାବରେ କିପରି ପହଞ୍ଚାଇବା ?

1. ଲୋକଙ୍କ ସହ ମଧୁର ଭଦ୍ର ବ୍ୟବହାର କରନ୍ତୁ । ସେମାନଙ୍କୁ ପ୍ରଥମେ ନମସ୍କାର କରନ୍ତୁ ଓ ସାଧାରଣ ଭଲମନ୍ଦ ପଚାରନ୍ତୁ ।
2. କୋଭିଡ଼ ସମ୍ବନ୍ଧରେ ସଠିକ ତଥ୍ୟ ଏପରି ଦିଅନ୍ତୁ ଯେପରି ସେଥିରେ ଭୟ ସୃଷ୍ଟି ନହେବ ।
3. ସବୁବେଳେ ଲୋକଙ୍କୁ ଅନୁଭବ କରାନ୍ତୁ ଯେ ସେହିମାନେ ହିଁ ପ୍ରକୃତ କୋଭିଡ଼ ଯୋଦ୍ଧା ଓ ସେମାନେ ଚାହିଁଲେ କୋଭିଡ଼ କୁ ଦୂର କରି ପାରିବେ ।
4. କୋଭିଡ଼ ନିୟମ ସବୁ ବାରମ୍ବାର ସେମାନଙ୍କୁ ଶୁଣାନ୍ତୁ ଓ ପାଳନ କରିବାକୁ ବୁଝାନ୍ତୁ ।
5. ମଝିରେ ମଝିରେ ସେମାନେ କଣ ବୁଝିଲେ ପ୍ରଶ୍ନ ପଚାରନ୍ତୁ
6. ସେମାନଙ୍କ କଥା ( ବିରକ୍ତିକର ହେଲେମଧ୍ୟ ) ଧୈର୍ଯ୍ୟ ର ସହ ଶୁଣନ୍ତୁ ଓ ସେମାନଙ୍କ କଥା ଭୁଲ ଥିଲେ ବିନୟର ସହ ବୁଝାନ୍ତୁ ।
7. ସାଥିରେ ନେଇଥିବା ପୁସ୍ତିକା ଦେଖାନ୍ତୁ ।

## ଗୃହ ପରିଦର୍ଶନ ସମୟରେ ନିଜର ସୁରକ୍ଷା

1. ସର୍ବଦା ଦୁଇ ମିଟର ଦୂରତା ରଖନ୍ତୁ
2. ଏନ୍- ୨5 ମାସ୍କ କିମ୍ବା ଡବଲ ମାସ୍କ ଠିକ ଭାବେ ବ୍ୟବହାର କରନ୍ତୁ ।
3. ମୁଣ୍ଡରେ ହେଡ କଭର ଦେଲେ ଭଲ
4. କାହାକୁ ପରୀକ୍ଷା କରିବା ପୂର୍ବରୁ ଓ ପରେ ହାତ ସାବୁନରେ ଧୁଅନ୍ତୁ କିମ୍ବା ୭୦% ଆଲକୋହଲ ଯୁକ୍ତ ସାନିଟାଇଜର ରେ ସଫା କରନ୍ତୁ ।
5. ନିଜର ପାଟି , ନାକ କିମ୍ବା ଆଖିକୁ ଛୁଅନ୍ତୁ ନାହିଁ
6. ବାହାରେ ଖାଇବା ପି ଇ ବା କରନ୍ତୁ ନାହିଁ (ନିଜ ଖାଇବା ଓ ପାଣି ସାଙ୍ଗରେ ନିଅନ୍ତୁ )
7. କାହାର ଚୌକି ଆଦିରେ ବସନ୍ତୁ ନାହିଁ କିମ୍ବା କୌଣସି ଜିନିଷ ପତ୍ର ବ୍ୟବହାର କରନ୍ତୁ ନାହିଁ
8. ସମସ୍ତେ ବାରମ୍ବାର ଛୁଉଁ ଥିବା ବସ୍ତୁ ଯଥା କବାଟ , କଲିଙ୍ଗ ବେଲ ସୁଇଚ , ଶିଡିର ବାଡା ପ୍ରଭୃତି ଛୁଅନ୍ତୁ ନାହିଁ ।
9. ଶିଶୁ ସହିତ ଡାକ୍ତର ଖାନାକୁ ଯିବାକୁ ପଡିଲେ ସେହି ଏକା ଗାଡିରେ ନ ଯାଇ ନିଜ ଗାଡିରେ କିମ୍ବା ଭିନ୍ନ ଏକ ଗାଡିରେ ଯାଆନ୍ତୁ
10. ଡାକ୍ତର ଖାନାରୁ ଫେରିବା। ପରେ ନିଜ ଲୁଗାପଟା ସାବୁନରେ ସଫା କରନ୍ତୁ ଓ ନିଜେ ଭଲଭାବେ ସାବୁନ ଲଗାଇ ଗାଧୋଇ ପଡନ୍ତୁ ।

## ନିୟମିତ ଟୀକାଦାନ ସମୟରେ ସତର୍କତା :

1. ଟୀକାଦାନ କୋଠରି ଓ ଅପେକ୍ଷା କୋଠରି ଅଲଗା କରନ୍ତୁ
2. ସମସ୍ତେ ପରସ୍ପରଠାରୁ ଦୁଇ ମିଟର ଦୂରତା ରକ୍ଷା କରନ୍ତୁ
3. ଟୀକାଦାନ କୋଠରି ମଧ୍ୟକୁ କେବଳ ଜଣେ ହିତାଧିକାରୀଙ୍କୁ ଏକ ସମୟରେ ଆସିବାକୁ କୁହନ୍ତୁ
4. ଟୀକାଦାନ କେନ୍ଦ୍ରରେ ସାବୁନ ଓ ହାତ ଧୋଇବାକୁ ପାଣି ରଖନ୍ତୁ
5. ସମସ୍ତେ ମାସ୍କ ପିନ୍ଧିଛନ୍ତି କି ନାହିଁ ଦେଖନ୍ତୁ ଓ ନ ପିନ୍ଧିଥିଲେ ମାସ୍କ ପିନ୍ଧିବାକୁ କୁହନ୍ତୁ
6. ଏହି ଅବସରରେ ସେମାଙ୍କ ଘରେ କେହି ଜ୍ବର , ଶର୍ଦ୍ଦି , ମୁଣ୍ଡ ବଥା , କାଶ ଆଦିରେ ପୀଡ଼ିତ ଅଛନ୍ତି କି ନାହିଁ ପଚାରି ବୁଝନ୍ତୁ ଓ ସେପରି କେହି ଥିଲେ ତାଙ୍କ ଘରକୁ ଯାଇ / ଫୋନରେ ସବିଶେଷ ଖବର ନିଅନ୍ତୁ ।*ଆପଣ ମାନେ ଆମର ଆଗ ଧାଡ଼ିର ଯୋଦ୍ଧା । ଆପଣଙ୍କ ଦକ୍ଷତା , କର୍ମନିଷ୍ଠା ଓ ଆତ୍ମବିଶ୍ଵାସ ଉପରେ ସାରା ରାଜ୍ୟବାସୀଙ୍କର ସୁସ୍ଥତା ନିର୍ଭର କରେ । ଆପଣମାନଙ୍କର ବିଜୟ ହିଁ ରାଜ୍ୟର ବିଜୟ । କୌଣସି ପରିସ୍ଥିତିରେ ସାହସ ଓ ଆତ୍ମବିଶ୍ଵାସ ହରାନ୍ତୁ ନାହିଁ । ସାରା ଓଡ଼ିଶାର ଲୋକଙ୍କ ଆଶୀର୍ବାଦ ଓ ସ୍ନେହ ଆପଣ ଙ୍କ ସାଥିରେ ଅଛି ।*